# NATIONAL NEWS BULLETIN (ODIA)

## 30 August - 2025

### Morning Bulletin : 7.15 A.M.

*****************************************************

## ମୁଖ୍ୟ ସମ୍ବାଦ

- ରଣନୈତିକ, ଅର୍ଥନୈତିକ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହଯୋଗକୁ ଆହୁରି ଦୃଢ଼ କରିବା ଲାଗି ପ୍ରତିବଦ୍ଧତା ପ୍ରକାଶ କଲେ ଭାରତ ଓ ଜାପାନ୍ ।
- ଭାରତ-ଜାପାନ୍ ମଧ୍ୟରେ ଖଣିଜ ସମ୍ପଦ ଆଧାରିତ ସହଯୋଗ ବୁଝାମଣା ପତ୍ରକୁ ପ୍ରଶଂସା କଲେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ।
- ଆସନ୍ତା ଡିସେମ୍ବର ମାସରେ ଭାରତ ଗସ୍ତରେ ଆସିବେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ।

ଏବଂ

- ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଆନୁଷ୍ଠାନିକ ଭାବେ ପ୍ରସ୍ତାବ ଦାଖଲ କଲା ଭାରତ ।

# ପିଏମ୍-ଜାପାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ଜାପାନୀ ପ୍ରତିପକ୍ଷ ସିଗେରୁ ଇସିବା ଦୁଇ ଦେଶ ମଧ୍ୟରେ ରଣନୈତିକ, ଅର୍ଥନୈତିକ ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ଆହୁରି ଦୃଢ଼ କରିବା ଲାଗି ଆଲୋଚନା କରିଛନ୍ତି । ଗତକାଲି ଟୋକିଓରେ ଏକ ଉଚ୍ଚସ୍ତରୀୟ ଆଲୋଚନା ପରେ ଉଭୟ ନେତା ଏହି ବିଷୟ ଘୋଷଣା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପଞ୍ଚଦଶ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଜାପାନ୍ ଏବଂ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ସମୀକ୍ଷା କରାଯାଇଛି ଏବଂ ଆଗାମୀ ଦିନରେ ଉଭୟ ଦେଶ ସହଭାଗିତାକୁ ଏବଂ ରଣନୈତିକ ଦୃଷ୍ଟିକୋଣକୁ ଆହୁରି ବ୍ୟାପକ କରିବା ଲାଗି ସହମତ ହୋଇଛନ୍ତି ।

ଆଲୋଚନା ପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମୋଦୀ କହିଛନ୍ତି, ଦୁଇ ଦେଶ ଆଗାମୀ ଦଶନ୍ଧି ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ଏଥିରେ ନିବେଶ, ନବସୃଜନ, ପରିବେଶ, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ ଏବଂ ନାଗରିକଙ୍କ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ ଭଳି କ୍ଷେତ୍ର ଗୁଡ଼ିକ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ନିମନ୍ତେ ପ୍ରତିବଦ୍ଧତା ପ୍ରକାଶ କରିଛି । ଶ୍ରୀ ମୋଦୀ କହିଛନ୍ତି, ଉଭୟ ଦେଶ ଆଗାମୀ ୧୦ ବର୍ଷ ମଧ୍ୟରେ ଜାପାନ୍‌ରୁ ୧୦ ଟ୍ରିଲିୟନ୍ ୟେନ୍ ନିବେଶ ନେଇ ଲକ୍ଷ୍ୟ ରଖିଛନ୍ତି । ଉଭୟ ଦେଶ କୃତ୍ରିମ ବୁଦ୍ଧିମତ୍ତା, ପରିବେଶ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହଯୋଗ ସହିତ

ଏମ୍.ଏସ୍.ଏମ୍.ଇ. ଏବଂ ଷ୍ଟାର୍ଟଅପ୍ ଗୁଡ଼ିକୁ ଆଗକୁ ନେବା ଉପରେ ମଧ୍ୟ ଧ୍ୟାନଦେବେ । ପ୍ରଧାନମନ୍ତ୍ରୀ ମୋଦୀ ଜାପାନୀ କମ୍ପାନୀ ଗୁଡ଼ିକୁ ମେକ୍ ଇନ୍ ଇଣ୍ଡିଆ ଅଭିଯାନରେ ସହଯୋଗୀ ହୋଇ ଏହାକୁ ମେକ୍ ଫର୍ ଦ୍ ୱାର୍ଲ୍ଡ କରିବା ଲାଗି ଆହ୍ୱାନ ଦେଇଛନ୍ତି ।

ଏହି ଆଲୋଚନା ପରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଉଭୟ ଦେଶ ମଧ୍ୟରେ ମାନବ ସମ୍ବଳ ବିନିମୟ ଏବଂ ସହଯୋଗ ପାଇଁ ଯୋଜନା ଘୋଷଣା କରାଯାଇଛି । ଆସନ୍ତା ୫ ବର୍ଷରେ ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ୫ ଲକ୍ଷରୁ ଅଧିକ ଲୋକଙ୍କୁ ନିୟୋଜନ କରିବେ । ଶ୍ରୀ ମୋଦୀ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ବିକାଶ ଲାଗି ଉଭୟ ଦେଶର ପ୍ରତିବଦ୍ଧତାକୁ ଦୃଢ଼ କରିବା ଲାଗି ପାରସ୍ପରିକ ସହଯୋଗକୁ ଆହୁରି ମଜବୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଅନ୍ୟ ପକ୍ଷରେ ପ୍ରତିରକ୍ଷା ଏବଂ ସାମୁଦ୍ରିକ ସୁରକ୍ଷା ସମ୍ପର୍କରେ ଉଭୟ ଦେଶ ସମାନ ଚିନ୍ତାଧାରା ବ୍ୟକ୍ତ କରିଛନ୍ତି ।

## ଏମ୍ଓସି-ରେଡ୍ଡୀ

କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ଖଣି ମନ୍ତ୍ରଣାଳୟ ଏବଂ ଜାପାନର ଅର୍ଥନୀତି ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ଖଣିଜ ସମ୍ପଦ ଆଧାରିତ ସହଯୋଗ ବୁଝାମଣାକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରେଡ୍ଡୀ କହିଛନ୍ତି, ଏହି ବୁଝାମଣା ଭାରତର ଶକ୍ତିସୁରକ୍ଷା, ରାଷ୍ଟ୍ରୀୟ ସୁରକ୍ଷା ଏବଂ ୨ହଜାର ୭୦ ସୁଦ୍ଧା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ପୁରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ

ଏବଂ ଜରୁରୀ ଖଣିଜ ଯୋଗାଣ ଶୃଙ୍ଖଳାକୁ ସଠିକ୍ କରିବା ଦିଗରେ ସହାୟକ ହେବ । ଏହି ବୁଝାମଣାର ଅଂଶବିଶେଷ ଭାବରେ ଉଭୟ ଦେଶ ଖଣିଜ ସମ୍ପଦ ଏବଂ ନୀତି ସମ୍ପର୍କରେ ସୂଚନା ଆଦାନପ୍ରଦାନ କରିବେ, ଯେଉଁଥିରେ ନିୟମାବଳୀ, ନିଲାମ, ଗଭୀର ସମୁଦ୍ରରୁ ଖଣିଜ ପଦାର୍ଥ ସନ୍ଧାନ, ନିଷ୍କାସନ ଓ ପ୍ରକ୍ରିୟାକରଣ ଆଦି ରହିଛି । ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି, ଭାରତ ଏବଂ ସମ୍ପଦ ସମୃଦ୍ଧ ଦେଶଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଅନୁସନ୍ଧାନ କ୍ଷେତ୍ରରେ ଏହା ନିବେଶକୁ ପ୍ରୋତ୍ସାହିତ କରିବ । କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ଆତ୍ମନିର୍ଭରତା ହାସଲ ପାଇଁ ପ୍ରତିବଦ୍ଧ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି ।

## ମୋଦୀ-ପୁଟିନ୍ ମିଟିଂ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଆସନ୍ତା ଡିସେମ୍ବର ମାସରେ ଭାରତ ଗସ୍ତରେ ଆସିବା ନେଇ ସେଠାକାର ବୈଦେଶିକ ନୀତି ସହାୟକ ୟୁରି ଉଷାକୋଭ୍ କହିଛନ୍ତି ।  ସେ କହିଛନ୍ତି, ରାଷ୍ଟ୍ରପତି ପୁଟିନ୍ ସୋମବାର ଦିନ ଚୀନ୍‌ର ତିଆନ୍‌ଜିନ୍ ଠାରେ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ତାଙ୍କ ଭାରତ ଗସ୍ତ ସମ୍ପର୍କରେ ଆଲୋଚନା କରିବେ । ସେ କହିଛନ୍ତି, ତିଆନ୍‌ଚିନ୍‌ରେ ଦୁଇ ନେତାଙ୍କ ମଧ୍ୟରେ ଚଳିତ ବର୍ଷର ପ୍ରଥମ ସାକ୍ଷାତ ଆଲୋଚନା ହେବ । ପ୍ରଧାନମନ୍ତ୍ରୀ ମୋଦୀ ଗତବର୍ଷ ପୁଟିନ୍‌ଙ୍କ ସହ ବାର୍ଷିକ ଶିଖର ସମ୍ମିଳନୀ ଏବଂ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଦୁଇଥର ରୁଷ ଗସ୍ତ

କରିଥିଲେ । ରୁଷ ରାଷ୍ଟ୍ରପତି ବାର୍ଷିକ ସମ୍ମିଳନୀ କାଳରେ ଭାରତ ଆସିବାକୁ ଅପେକ୍ଷା କରିଛନ୍ତି । ରୁଷରୁ ଅଶୋଧିତ ତୈଳ କ୍ରୟ କରିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଗୁଡ଼ିକ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ସହ ମୋଟ୍ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି ।

## ଏସ୍.ଟି. ଏସ୍.ସି. ସମ୍ମିଳନୀ

ଭୁବନେଶ୍ୱରରେ ଚାଲିଥିବା ଦୁଇଦିନିଆ ସଂସଦ ଏବଂ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଜାତୀୟ ସମ୍ମିଳନୀର ଆଜି ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେବେ । ଭୁବନେଶ୍ୱର ଲୋକସେବା ଭବନରେ ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହେବ । ଆଜି ଉଦ୍‌ଯାପନୀ ଦିବସରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ଶ୍ରୀ ହରିବଂଶ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ଡକ୍ଟର ଫଗନ ସିଂହ କୁଲସ୍ତେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଗତକାଲି ସମ୍ମିଳନୀର ପ୍ରଥମ ଦିନରେ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଦଳମତ ଊର୍ଦ୍ଧ୍ୱରେ ଥାଇ ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଥିଲେ। ସଂସଦ ଏବଂ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଜାତୀୟ ସମ୍ମିଳନୀକୁ ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା ଉଦ୍‌ଘାଟନ କରି କହିଥିଲେ, ବଦଳୁଥିବା ପରିସ୍ଥିତି ଅନୁଯାୟୀ, କମିଟି ଯାହା ପ୍ରସ୍ତାବ ଦେବ ତାହାକୁ କାର୍ଯ୍ୟକାରୀ କରାଯାଇ

ଏକ ସମତାଭିତ୍ତିକ ସମାଜ ଓ ବିକଶିତ ଭାରତ ଗଠନ କରାଯିବ। ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବାଚସ୍ପତି ଶ୍ରୀ ବିର୍ଲା କହିଥିଲେ। ସମ୍ମିଳନୀରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ଓ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ ସମିତିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂ କୁଲସ୍ତେ ପ୍ରମୁଖ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ ।

## ଅମିତ୍ ଶାହା - ବ୍ରହ୍ମପୁତ୍ର ୱିଙ୍ଗ୍

ଆସାମର ଗୁଆହାଟୀଠାରେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସମାଜବାଦୀ ନେତା, ସ୍ୱାଧୀନତା ସଂଗ୍ରାମୀ ଗୋଲାପ ବୋରବୋରାଙ୍କ ବର୍ଷବ୍ୟାପୀ ଜନ୍ମଶତବାର୍ଷିକୀ ସମାରୋହକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉଦ୍‌ଘାଟନ କରିଛନ୍ତି । ସ୍ୱର୍ଗତ ବୋରବୋରାଙ୍କୁ ଆସାମର ପ୍ରଥମ ଅଣକଂଗ୍ରେସ ମୁଖ୍ୟମନ୍ତ୍ରୀ ଭାବେ ବର୍ଣ୍ଣନା କରି ଶ୍ରୀ ଶାହା ତାଙ୍କର ସ୍ୱଚ୍ଛ ଓ ପ୍ରଭାବଶାଳୀ ଶାସନର ପ୍ରଶଂସା କରିଛନ୍ତି । ତାଙ୍କ ଶାସନକାଳରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନକୁ ରାଜ୍ୟରେ ପ୍ରତିଷ୍ଠା କରିଥିଲେ । ଏହି ଅବସରରେ ଶ୍ରୀ ଶାହା ତାଙ୍କର ଜୀବନୀ ଉପରେ ଏକ ପୁସ୍ତକ ଉନ୍ମୋଚନ କରିଥିଲେ ।

# ୟୁଏନ୍‌ଏସ୍‌ସି-ପିସ୍‌ପିପିଙ୍ଗ୍ ଅପରେସନ୍‌ସ

ଜାତିସଂଘ ସୁରକ୍ଷା ପରିଷଦ ଲେବାନନ୍‌ରେ ଶାନ୍ତିରକ୍ଷା ଅଭିଯାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ଲେବାନନ୍‌ରେ ଶାନ୍ତିରକ୍ଷା ଅଭିଯାନରେ ପ୍ରାୟ ୧ ହଜାର ଭାରତୀୟ ସୈନିକ ନିୟୋଜିତ ଅଛନ୍ତି । ଗତକାଲି ଜାତିସଂଘର ଅନ୍ତରିଣ ବାହିନୀକୁ ବନ୍ଦ କରିବାକୁ ପରିଷଦ ଭୋଟ୍ ଦେଇଥିଲା । ଗତ ଦୁଇ ବର୍ଷ ହେବ ଦକ୍ଷିଣ ଲେବାନନ୍‌ର ଶାନ୍ତି ବଜାୟ ରଖିବା ପାଇଁ ସୁରକ୍ଷା ପରିଷଦ କାର୍ଯ୍ୟ କରୁଛି । ଚଳିତ ସପ୍ତାହ ଶେଷ ଆଡ଼କୁ ୪୭ ବର୍ଷ ପୁରୁଣା ଲେବାନନ୍‌ରେ ଜାତିସଂଘର ଅନ୍ତରୀଣ ବାହିନୀର କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବା ବେଳେ ୨୦୨୬ ପର୍ଯ୍ୟନ୍ତ ଶେଷଥର ପାଇଁ ଏହାର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା । ବର୍ତ୍ତମାନ ଲେବାନନ୍‌ରେ ଜାତିସଂଘର ଅନ୍ତରୀଣ ବାହିନୀରେ ୧୦ ହଜାର ୮୦୦ ଶାନ୍ତିରକ୍ଷୀ ଅଛନ୍ତି ଯେଉଁଥିରେ ଭାରତର ୯୦୦ ଭାରତୀୟ ସୈନିକ କାର୍ଯ୍ୟ କରୁଛନ୍ତି ।

# ୟୁଏସ୍-ଭିସା ଡେନିୟାଲ୍

ଆସନ୍ତା ମାସରେ ହେବାକୁ ଥିବା ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷ ରାଷ୍ଟ୍ରପତି ମହମୁଦ୍ ଆବାସ୍‌ଙ୍କୁ ଯୋଗଦେବା ଲାଗି ଅନୁମତି ଦେବେ ନାହିଁ ବୋଲି ଆମେରିକା କହିଛି । ଅନେକ ଆମେରିକୀୟ ସହଯୋଗୀ ପାଲେଷ୍ଟାଇନ୍‌କୁ ଏକ ରାଷ୍ଟ୍ର ଭାବରେ ମାନ୍ୟତା ଦେବାକୁ ସ୍ଥିର କରିଥିବାରୁ ସେମାନେ ଏଭଳି କରିବେ ବୋଲି

ଆମେରିକା କହିଛି । ଗତକାଲି ଆମେରିକାର ବୈଦେଶିକ ବିଭାଗ ଏକ ବିବୃତ୍ତିରେ କହିଛି, ବୈଦେଶିକ ସଚିବ ମାର୍କ ରୁବିଓ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷ ଏବଂ ସେଠାକାର ମୁକ୍ତି ସଂଗଠନ ସଦସ୍ୟଙ୍କ ଭିସାକୁ ପ୍ରତ୍ୟାଖ୍ୟାନ ଏବଂ ରଦ୍ଦ କରୁଛନ୍ତି । ବିବୃତ୍ତି ଅନୁଯାୟୀ ସେମାନେ ପ୍ରତିଶ୍ରୁତି ପାଳନ କରୁନଥିବାରୁ ଆମେରିକାର ଜାତୀୟ ସୁରକ୍ଷା ସ୍ୱାର୍ଥ ଦୃଷ୍ଟିରୁ ଏଭଳି କରାଯାଉଛି ।

ସୂଚନା ଅନୁଯାୟୀ ଆତଙ୍କବାଦକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଅକ୍ଟୋବର ୭ ତାରିଖ ହତ୍ୟାକାଣ୍ଡ ସମେତ ଶିକ୍ଷାରେ ଆତଙ୍କବାଦ ପ୍ରୋତ୍ସାହନକୁ ବନ୍ଦ କରିବା ଭଳି କେତେକ ସର୍ତ ମାନିବା ଲାଗି କୁହାଯାଇଥିଲେ ମଧ୍ୟ ସେମାନେ ତାହା କରିନାହାନ୍ତି । ମାର୍କ ରୁବିଓ କହିଛନ୍ତି, ଜାତିସଂଘ ମୁଖ୍ୟାଳୟ ଚୁକ୍ତିନାମା ଅନୁଯାୟୀ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷଙ୍କୁ କୋହଳ ପ୍ରଦାନ କରାଯିବ । ଭିସା ରଦ୍ଦ ନିଷ୍ପତ୍ତିର ପୁନର୍ବିଚାର ଏବଂ ପ୍ରତ୍ୟାହାର ପାଇଁ ଆହ୍ୱାନ ଦିଆଯାଇଥିଲେ ମଧ୍ୟ ଜାତିସଂଘରେ ଇସ୍ରାଏଲ୍‌ର ସ୍ଥାୟୀ ପ୍ରତିନିଧି ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

ସୂଚନା ଯୋଗ୍ୟ ଆସନ୍ତା ମାସରେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଫ୍ରାନ୍ସ, କାନାଡ଼ା, ଅଷ୍ଟ୍ରେଲିଆ ଏବଂ ବ୍ରିଟେନ୍ ପକ୍ଷରୁ ଏକ ପାଲେଷ୍ଟାଇନ୍ ରାଷ୍ଟ୍ରକୁ ମାନ୍ୟତା ଦେବାର ଯୋଜନା ରହିଛି ।

# ୨୦୩୦-ସିଡବ୍ଲ୍ୟୁଜି ବିଡ୍

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଭାରତ ଆନୁଷ୍ଠାନିକ ଭାବେ ପ୍ରସ୍ତାବ ଦାଖଲ କରିଛି । ୨ ଦଶନ୍ଧି ପରେ ଦେଶରେ ଏଭଳି କ୍ରୀଡ଼ା ଆୟୋଜନ କରିବା ଲାଗି ଭାରତ ଉଦ୍ୟମ କରୁଛି । ଗତକାଲି ଲଣ୍ଡନରେ ଭାରତୀୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂଘ ଏବଂ ଗୁଜରାଟ ସରକାରଙ୍କ ପ୍ରତିନିଧିତ୍ୱରେ ଏକ ପ୍ରତିନିଧି ମଣ୍ଡଳ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଅଧ୍ୟକ୍ଷ ଡକ୍ଟର ଡୋନାଲ୍ଡ ରୁକାରେଙ୍କ ନିକଟରେ ଏହି ବିଡ୍ ଦାଖଲ କରିଥିବା ଜଣାପଡ଼ିଛି । ଅହମ୍ମଦାବାଦ୍‌କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଏକ ଶହ ବର୍ଷ ପୂର୍ତ୍ତି ଅବସରରେ ଖେଳର ଶତବାର୍ଷିକୀ ସଂସ୍କରଣ ପାଇଁ ଆୟୋଜକ ସହର ଭାବେ ଚୟନ କରିଛି । ପ୍ରସ୍ତାବ ଦାଖଲ କରିବା ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ଗୁଜରାଟ କ୍ରୀଡ଼ା ମନ୍ତ୍ରୀ ହର୍ଷ ସାଙ୍ଗଭି କହିଛନ୍ତି, ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପ୍ରସ୍ତାବ ଭାରତର କ୍ରୀଡ଼ା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ସେ କହିଛନ୍ତି, ଜାତୀୟ କ୍ରୀଡ଼ା ଦିବସରେ ଏହିଭଳି ନିଷ୍ପତ୍ତି ଭାରତର ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ ଏହାର ଦୃଷ୍ଟିକୋଣକୁ ପରିଭାଷିତ କରୁଛି । ଏହି କ୍ରୀଡ଼ା 'ବସୁଧୈବ କୁଟୁମ୍ବକମ୍'ର ପ୍ରାଚୀନ ନୀତି ଉପରେ ଆଧାରିତ ହେବ । ଭାରତୀୟ ଅଲିମ୍ପିକ୍ ସଂଘ ସଭାପତି ପି.ଟି. ଉଷା କହିଛନ୍ତି, ଏହି ନିଲାମ୍ ପ୍ରକ୍ରିୟାରେ ସାମିଲ ହେବା ଦେଶର କ୍ରୀଡ଼ା ମୂଲ୍ୟବୋଧକୁ ପ୍ରଦର୍ଶନ କରୁଛି ।